# ତୋଷାଲି ପ୍ଲାଜା ଓ ରାଜୀବ ଭବନ

୦୨/୦୯/୨୦୦୯

୧୫ ବର୍ଷ ତଳେ 'ସମ୍ବାଦ'ର ସମ୍ପାଦନା ଦାୟିତ୍ୱ ନେଲା ପରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହିତ ଏକ ବିଶେଷ ସାକ୍ଷାତକାର ବେଳେ ଗୋଟିଏ ପ୍ରସଙ୍ଗ ଉଠିଥିଲା । ମହତାବ ବାବୁ କଥା ପ୍ରସଙ୍ଗରେ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ କହିଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ' । ସେତେବେଳେ ନୂଆ ନୂଆ ସମ୍ପାଦକ ହୋଇଥିଲି । ମହତାବ ବାବୁଙ୍କର ଏ ପ୍ରକାର ଉକ୍ତିକୁ ପରିହାସ ବୋଲି ଭାବି ନାପସନ୍ଦ କରିଥିଲି । ଦୁର୍ନୀତି ସମ୍ପର୍କରେ ମହତାବ ବାବୁଙ୍କର ଏ ପ୍ରକାର ହାଲକା ମନ୍ତବ୍ୟ ମୋ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଆଜି ୧୫ ବର୍ଷର ଅନୁଭବ ପରେ ମୋର ସେଦିନର ପ୍ରତିକ୍ରିୟା ଯଥେଷ୍ଟ ହାଲକା ହୋଇଯାଇଛି । ଦୁର୍ନୀତି ସମ୍ପର୍କରେ କୌଣସି ଆଲୋଚନା ହେଲେ ନିଜକୁ ଅଡୁଆ ଲାଗୁଛି । ମନରେ ଅନେକ ପ୍ରଶ୍ନ ଉଠୁଛି, ଯାହାର ସଠିକ୍ ଉତ୍ତର ଖୋଜି ଦେଇ ହେଉ ନାହିଁ । ଆଜି ସଚ୍ଚୋଟ ବ୍ୟକ୍ତିଟିଏ ଖୋଜିଲେ ମିଳୁ ନାହାନ୍ତି । ଦୁର୍ନୀତିର ବ୍ୟାପକତା ଏକରକମ ଆମ ସମସ୍ତଙ୍କର ଦେହସୁହା ହୋଇଗଲାଣି । ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ନିଜକୁ ଆଉ ନିନ୍ଦିତ ଅନୁଭବ କରୁ ନାହିଁ । ଜଣେ ନିଜକୁ ସଚ୍ଚୋଟ ବୋଲି କହିଲେ ତାକୁ କେହି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି । ଓଲଟା ନିଜର ସଚ୍ଚୋଟ ପଣିଆକୁ ଜାହିର କରୁଥିବା ବ୍ୟକ୍ତିକୁ ଆମେ ପାଗଳ ବୋଲି କହିବାକୁ ପଛାଉ ନାହୁଁ । ଆମର ଅବସ୍ଥା ଆଜି ଏପରି କାହିଁକି ହୋଇଛି ?

ଆମ ବିଚାରରେ ସାମ୍ପ୍ରତିକ ସମାଜରେ ଦୁର୍ନୀତିକୁ ବୁଝିବାରେ ଆମ ସମସ୍ତଙ୍କର ଏକରକମ ବିଚାର ବିଭ୍ରାଟ ହୋଇଛି । ଆମେ ସମସ୍ତେ ଦୁର୍ନୀତିର ବ୍ୟାପକତା ସମ୍ପର୍କରେ ଯେତେ ସଚେତନ ତାର ଗଭୀରତା ସମ୍ପର୍କରେ ସେତେ ସଚେତନ ଥିଲା ପରି ମନେ ହେଉ ନାହିଁ । ବ୍ୟାପକତା ଓ ଗଭୀରତା ମଧ୍ୟରେ ପ୍ରଭେଦ ନ ଦେଖିବା ଓ ବ୍ୟାପକତାକୁ ଅଧିକ ଗୁରୁତ୍ୱ ଦେବା ଆମ ବିଚାର ବିଭ୍ରାଟର ମୁଖ୍ୟ କାରଣ । ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ଯେତେବେଳେ ଯେଉଁଠି ଆଲୋଚନା ହେଉଛି ସବୁବେଳେ ସମସ୍ତେ ବ୍ୟାପକତା ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରୁଛନ୍ତି । କିନ୍ତୁ ଗଭୀରତାର ପ୍ରସଙ୍ଗ ଆମ ବିଚାରରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଦୁର୍ନୀତି କେଉଁ ସ୍ତରରେ ହେଉଛି ଏବଂ କେଉଁ ପରିମାଣରେ ହେଉଛି ଏ ପ୍ରଶ୍ନଗୁଡିକର ଅନାସକ୍ତ ତର୍ଜମା ଆବଶ୍ୟକ । ମନ୍ତ୍ରୀମାନେ ବେଶି ଦୁର୍ନୀତି କରୁଛନ୍ତି, କି ଯନ୍ତ୍ରୀମାନେ ? ଆଇ.ଏ.ଏସ୍. ଅଫିସରମାନେ ବେଶି ଦୁର୍ନୀତିଗ୍ରସ୍ତ କି ତାଙ୍କ ଦପ୍ତରର କିରାଣୀମାନେ ? ଉପରସ୍ତରରେ ଦୁର୍ନୀତି ବେଶି ହେଉଛି କି ବ୍ୟବସ୍ଥାର ତଳସ୍ତରରେ ? ଆମ ବିଚାରରେ ତଳସ୍ତରର ଦୁର୍ନୀତି ଉପରସ୍ତର ଅପେକ୍ଷା ଯଥେଷ୍ଟ କମ୍ । ଉପରସ୍ତରର ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଦଣ୍ଡିତ ହେଉ ନାହାନ୍ତି । ଆଇନ ବ୍ୟବସ୍ଥା ଓ ସାମାଜିକ ବ୍ୟବସ୍ଥା ସେମାନଙ୍କର କୌଣସି କ୍ଷତି ସାଧନ କରିପାରୁ ନାହିଁ । ଦୁର୍ନୀତିକୁ ରୋକିବା ପାଇଁ ଯେଉଁ ଭୟର ଆବଶ୍ୟକତା ଅଛି ତାହା ଆଦୌ ରହୁ ନାହିଁ । ଫଳରେ ଦୁର୍ନୀତି ସବୁ ସ୍ତରକୁ ବ୍ୟାପୁଛି । କିନ୍ତୁ ତଳସ୍ତରରେ ସାମାଜିକ ଓ ରାଜନୈତିକ ପ୍ରକ୍ରିୟା ବହୁ ପରିମାଣରେ ଦୁର୍ନୀତିକୁ ସଙ୍କୁଚିତ କରିବାରେ ଲାଗିଲାଣି । ମନ୍ତ୍ରୀ, ଯନ୍ତ୍ରୀ ଏବଂ ଆଇ.ଏ.ଏସ୍. ଅଫିସରମାନଙ୍କର ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଅନେକ ବୁଦ୍ଧି ଓ ବାଟ ଅଛି । ଏମାନେ ଅସତ୍ ଉପାୟରେ ଅର୍ଜନ କରିଥିବା ଧନକୁ ବିଦେଶୀ ବ୍ୟାଙ୍କରେ ଓ ରାଜ୍ୟ ବାହାରେ ବେନାମୀ ସମ୍ପତ୍ତି ମାଧ୍ୟମରେ ଲୁଚାଇ ପାରୁଛନ୍ତି ଏବଂ ସ୍ୱଚ୍ଛନ୍ଦରେ ଆଜିର ଗ୍ଲୋବାଲ ଭିଲେଜରେ ଚରି ବୁଲି ପାରୁଛନ୍ତି । କିନ୍ତୁ ଗ୍ରାମାଞ୍ଚଳ ବା ପଞ୍ଚାୟତର ଛୋଟିଆ ରାଜନୈତିକ ବ୍ୟକ୍ତି ବା କର୍ମଚାରୀଟି ଦୁର୍ନୀତି କରି ନିଜ ଗାଁ ବା ଘର ଛାଡି କୁଆଡେ ଯିବ ? ପରବର୍ତ୍ତୀ ସମୟରେ ଗାଁ ବାଲା ତାକୁ ଓ ତା'

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ପରିବାରକୁ ଲାଞ୍ଛିତ କରିବେ ଏବଂ ସାମାଜିକ ଚାପ ତା'ର ଦୁର୍ନୀତିକୁ ସଙ୍କୁଚିତ କରିବ ।

ଉତ୍ତରଦାୟିତ୍ୱର ଅବର୍ତ୍ତମାନରେ ସାମାଜିକ ଚାପର ଅଭାବ ତଥା ଆଇନ ବ୍ୟବସ୍ଥାର ପ୍ରଭାବହୀନତା ଆଜି ଉପରସ୍ତରର ଦୁର୍ନୀତିକୁ ଅଧିକ ପ୍ରୋତ୍ସାହିତ କରୁଛି । ଏ ସମ୍ପର୍କରେ ତିନିଟି ସାମ୍ପ୍ରତିକ ଉଦାହରଣ ଦେଲେ ଯଥେଷ୍ଟ ହେବ । ପ୍ରଥମଟି ହେଲା 'ତୋଷାଳି ପ୍ଲାଜା' । ଅନେକଙ୍କର ହୁଏତ ମନେ ନାହିଁ ବିଜୁ ବାବୁଙ୍କ ଶାସନ ସମୟରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ହାଉସିଂ ବୋର୍ଡ ଦ୍ୱାରା ତୋଷାଳି ପ୍ଲାଜାର କଳ୍ପନା ଓ ନିର୍ମାଣ କରାଯାଇଥିଲା । ପ୍ରଥମେ ଅଟକଳ କେତେ କରାଯାଇଥିଲା ଜଣା ନାହିଁ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ବେଳକୁ ପ୍ରାୟ ୨୪ କୋଟିରୁ ଉର୍ଦ୍ଧ୍ୱ ଋଣ ଭାର ହାଉସିଂ ବୋର୍ଡ ଉପରେ ପଡିଲା । ବର୍ତ୍ତମାନ ସେହି ହାରରେ ହିସାବ କଲେ ତୋଷାଳି ପ୍ଲାଜାର ଭାର କେତେ ହେବ କହି ହେବ ନାହିଁ । ତେବେ ପ୍ରଶ୍ନ ଉଠୁଛି, ପ୍ଲାଜା ନିର୍ମାଣର ନିଷ୍ପତ୍ତି କିଏ ନେଲା, ନିର୍ମାଣ ଦାୟିତ୍ୱ କାହାକୁ ଦିଆଗଲା ଏବଂ ଏହାକୁ ବିକ୍ରି କରି ନ ପାରିବା ପଛରେ କାହାର ହାତ ରହିଲା ଏବଂ ସାମଗ୍ରିକ ଭାବେ କୋଟି କୋଟି ଟଙ୍କାର କ୍ଷତି କାହା ପାଇଁ ହେଲା । ସେ ସମୟରେ କିଏ ମନ୍ତ୍ରୀ ଥିଲା, ହାଉସିଂ ବୋର୍ଡ ଦାୟିତ୍ୱରେ କିଏ ଥିଲେ, ବିଭାଗୀୟ ସଚିବ କିଏ ଥିଲେ, ସେମାନଙ୍କର ଏ ସମ୍ପର୍କରେ ଦାୟିତ୍ୱ କ'ଣ ଥିଲା ଏ ପ୍ରଶ୍ନଗୁଡିକ କ'ଣ ପ୍ରାସଙ୍ଗିକ ନୁହେଁ ? ଏମାନଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ । ଜଣେ ତ ପୁଣି ଆଉଥରେ ପ୍ରଭାବଶାଳୀ ମନ୍ତ୍ରୀ ହୋଇଛନ୍ତି । ତେଣୁ ରାଜନୈତିକ ବ୍ୟକ୍ତିମାନେ ଦୁର୍ନୀତି କରିବାକୁ ଡରିବେ କାହିଁକି ? ନିଜର ଅପାରଗତା ଓ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଆମର କୋଟି କୋଟି ଟଙ୍କା ବରବାଦ କରିଥିବା ବିଭାଗୀୟ ସଚିବ, ଯନ୍ତ୍ରୀ ଓ ଆଇ.ଏ.ଏସ୍. ଅଫିସରମାନେ ତିରସ୍କୃତ ହେବା ଦୂରେ ଥାଉ ଓଲଟା ପୁରସ୍କୃତ ହୋଇଛନ୍ତି । ସେହିପରି 'ରାଜୀବ ଭବନ' । ଜଳସେଚନ ବିଭାଗର ଦୁର୍ନୀତିଯୁକ୍ତ ଫାଇଲଗୁଡିକୁ ସୁରକ୍ଷିତ ରଖିବା ପାଇଁ ଏକ ସୁରମ୍ୟ ଅଟ୍ଟାଳିକାର ଆବଶ୍ୟକତା ଥିଲା କି ନାହିଁ ଆମେ ଜାଣୁନା । କିନ୍ତୁ ପ୍ରାଥମିକସ୍ତରରେ ମାତ୍ର ୩ କୋଟିର ଅଟକଳକୁ ପରବର୍ତ୍ତୀ ସମୟରେ ୧୮ କୋଟିକୁ ବଢ଼ାଇ ଦେବା ପଛରେ ଯେ କୌଣସି ଯୁକ୍ତି ନ ଥିଲା ଏକଥା ଆମେ ଦୃଢ଼ ସ୍ୱରରେ କହିବୁ । ଏହା ପଛରେ ଓଡ଼ିଶାର ବିକାଶ ପାଇଁ ଆସିଥିବା ୧୫ କୋଟି ଟଙ୍କାକୁ ଯେ ଦିନ ଦ୍ୱିପ୍ରହରରେ ତତ୍କାଳୀନ ମନ୍ତ୍ରୀ ଆମ ଆଖିରେ ଶୁଖୁଆ କଣ୍ଟା ଗେଞ୍ଜି ନିଜର ଚେଲାଚାମୁଣ୍ଡାଙ୍କ ସହଯୋଗରେ ଲୁଟି ନେଇଛନ୍ତି, ଏକଥା ଦିବାଲୋକ ପରି ସ୍ପଷ୍ଟ । ତୋଷାଳି ପ୍ଲାଜାର ମନ୍ତ୍ରୀ ଯଦି ଖସିଯାଇ ପାରିଲେ, ରାଜୀବ ଭବନର ମନ୍ତ୍ରୀ କାହିଁକି ଡରିବେ ? ଶେଷରେ ପ୍ରଭାବଶାଳୀ ଆଇ.ଏ.ଏସ୍. ଅଫିସର ପ୍ରଶାନ୍ତ ନାୟକଙ୍କ କଥା । ଏକାଧିକ ଜିଲ୍ଲାରେ ଜିଲ୍ଲାପାଳ ଥିବା ବିବାଦୀୟ ଅଫିସର ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ସଚିବ ମଧ୍ୟ ହୋଇଥିଲେ । ଅଖଣ୍ଡ କ୍ଷମତା ଭୋଗ କରୁଥିଲେ । ବିଭିନ୍ନ ସ୍ତରରେ ତାଙ୍କ ଦ୍ୱାରା ହୋଇଥିବା ଅନିୟମିତତା ସ୍ପେଶାଲ ଅଡିଟ୍ ଦ୍ୱାରା ପ୍ରମାଣିତ ହେଲା । ହାଇକୋର୍ଟ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ କଡା ନିର୍ଦ୍ଦେଶ ଦେଲେ । ତଥାପି ତାଙ୍କର ଚୁଟି କେହି ବଙ୍କା କରିପାରୁ ନାହାନ୍ତି । ମାସ ମାସ ଧରି ପଡି ରହିଥିବା ତାଙ୍କର ଫାଇଲ କିନ୍ତୁ ଇଞ୍ଚେ ମଧ୍ୟ ଉପରକୁ ଉଠୁ ନାହିଁ । ଓଲଟା କୌଶଳ କରି ତାଙ୍କୁ ପୁରସ୍କୃତ କରିବାର ଉଦ୍ୟମ ଚାଲିଛି । ଅଥଚ ମାତ୍ର ୨୦୦ ଟଙ୍କା ଲାଞ୍ଚ ନେଉଥିବା କିରାଣୀଟି ମାର ମାର ଭଣ୍ଡାରିଆକୁ ମାର ନ୍ୟାୟରେ ୨୪ ଘଣ୍ଟା ନ ପୂରୁଣୁ ଚାକିରିରୁ ନିଲମ୍ବିତ ହେଉଛି । ଏହା ଆମ ଖବରକାଗଜରେ ପ୍ରଥମ ପୃଷ୍ଠାର ବଡ ଖବର ହୋଇ ଛପା ଯାଉଛି । ଏଇଥିପାଇଁ ଆମ ବ୍ୟବସ୍ଥା ଉପରୁ ସାଧାରଣ ଲୋକଙ୍କର ଆସ୍ଥା କମିଯାଉଛି ଏବଂ ବଡ ବଡିଆଙ୍କର ଆହୁରି ବଡ ବଡ ଦୁର୍ନୀତି କରିବା ପାଇଁ ସାହସ ବଢ଼ି ଯାଉଛି ।

ଚୋର ଓ ଡକାୟତମାନେ ଅଜାଣତରେ ତାଙ୍କର ଅପରାଧର ଚିହ୍ନ ଛାଡିଯିବା ପରି ତୋଷାଳି ପ୍ଲାଜା ଓ ରାଜୀବ ଭବନ ତଥା ପ୍ରଶାନ୍ତ ନାୟକଙ୍କ ପ୍ରଭାବଶାଳୀ କୌଶଳ ଆମ ରୁଗ୍ଣ ବ୍ୟବସ୍ଥାର ଚିହ୍ନ ବହନ କରୁଛି । ଦୁର୍ନୀତି ଓ ଭ୍ରଷ୍ଟାଚାରର ଗଭୀରତା ମାପିବା ପାଇଁ ତୋଷାଳି ପ୍ଲାଜା ଓ ରାଜୀବ ଭବନ ଆମ ସମସ୍ତଙ୍କ ପାଇଁ ମାପକାଠି ସଦୃଶ ଛିଡା ହୋଇଛନ୍ତି । ଆସନ୍ତୁ ତୋଷାଳି ପ୍ଲାଜା ଓ ରାଜୀବ ଭବନକୁ ଦେଖିବା; ଦୁର୍ନୀତିର ଗଭୀରତାକୁ ମାପିବା ଏବଂ ଆମର ଉତ୍ତର ପୁରୁଷମାନଙ୍କୁ ସେହି ଗଭୀର ଗଣ୍ଡଦେଶର ନିରାପଦ ଦୂରତ୍ୱରେ ରହିବା ପାଇଁ ଚେତେଇ ଦେବା ।